## ୯ ଫେବୃଆରୀ ୨୦୨୪ ଖୁତ୍‌ବା ଜୁମାର ସାରାଂଶ
## ସ୍ଥାନ - ମସଜିଦ୍ ମୁବାରକ୍, ଇସ୍‌ଲାମାବାଦ୍ ଟିଲ୍‌ଫୋର୍ଡ଼

**ଓ୍ୱହଦ୍ ଯୁଦ୍ଧରେ ଅଲ୍ଲାଃତାଲାଙ୍କ ପ୍ରୀତିଭାଜନ ଲାଭକାରୀ ସାହାବାମାନଙ୍କର ପ୍ରଶଂସନୀୟ ବଳିଦାନ ଓ ହଜରତ ମୁହମ୍ମଦ ସ.ଅଙ୍କ ସହିତ ଅଭୂତପୂର୍ଣ୍ଣ ପ୍ରେମାନୁରାଗର ବିଶ୍ୱାସବର୍ଦ୍ଧକ ଆଲୋଚନା ।**

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱହ୍‌ଦହୁ ଲାଶରିକା ଲହୁ ଓ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ ଅମ୍ମାବାଦ୍ ଫଅଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୌମିଦ୍‌ଦିନ୍ । ଇୟାକା ନାବୁଦୁ ଓ୍ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ଓ୍ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହଜୁର ଅନଓ୍ୱରଅ.ବ କହିଲେ; ଓ୍ୱହଦ୍ ଯୁଦ୍ଧ ପରିପ୍ରେକ୍ଷୀରେ ଅବୁ ସୁଫୟାନ୍‌ର ନାରା (ଶ୍ଳୋଗାନ) ଲଗାଇବାର ଚର୍ଚ୍ଚା ଚାଲିଥିଲା । ଯେଉଁଥିରେ ସେ ନିଜ ପ୍ରତିମା (ଇଷ୍ଟଦେବତା)ର ପ୍ରଶଂସା ଗାନ କରୁଥିଲା ଏବଂ ତାହାର ପ୍ରତିକ୍ରିୟାରେ ହଜରତ ମୁହମ୍ମଦ ମୁସ୍ତଫାସ.ଅ ବ୍ୟାକୁଳ ହୋଇ ଉଠିଥିଲେ । ହଜରତ ମୁସଲେହ ମଉଦର.ଅ କୁହନ୍ତି; ଆହାଦିସ୍‌ରେ ବର୍ଣ୍ଣିତ ରହିଛି, ଓ୍ୱହଦ୍ ଯୁଦ୍ଧରେ ଅବୁ ସୁଫୟାନ୍ ବେଶ୍ ଦାମ୍ଭିକତାର ସହିତ କହିଥିଲା ଯେ, ଆମ ସହାୟତା ପାଇଁ ଆମ (ଇଷ୍ଟଦେବତା) ଉଜ୍‌ଜା ରହିଛି । କିନ୍ତୁ ତୁମର ସାହାଯ୍ୟ କରିବାକୁ କୌଣସି ଦେବାଦେବୀ ନାହାନ୍ତି । ସେତେବେଳେ ହଜୁରସ.ଅ ମୁସଲମାନମାନଙ୍କୁ କହିଲେ; ତୁମେ କୁହ କି ଲନା ମୌଲାନା ଓଲା ମୌଲାଲକୁମ୍ । ଅର୍ଥାତ ଆମ ଶଖା ଓ ସାହାଯ୍ୟକାରୀ ଆମ ଚିରଞ୍ଜୀବୀ ଓ ପ୍ରତିଷ୍ଠିତ ପରମେଶ୍ୱର ଅଟନ୍ତି । କିନ୍ତୁ ତୁମର କେହି ବନ୍ଧୁ ଓ ସାହାଯ୍ୟକାରୀ ନାହାନ୍ତି ।

ହଜରତ ମୁସଲେହ ମଉଦର.ଅ କୁହନ୍ତି; ସତ୍ୟତାର ଏହା କିପରି ଜ୍ୱଳନ୍ତ ପ୍ରମାଣ ଥିଲା ଯେ, ରକ୍ତରଞ୍ଜିତ ଖଣ୍ଡାର ଛାଇ ତଳେ ମଧ୍ୟ ମୁସଲମାନମାନେ ଏହି ସାକ୍ଷ ହିଁ ଦେଇଥିଲେ କି ସର୍ବଶକ୍ତିମାନ ଅଲ୍ଲାଃ ଆମର ରକ୍ଷା କରିବେ ।

ପୁନଶ୍ଚ ଆପଣର.ଅ ଏକ ସ୍ଥାନରେ କୁହନ୍ତି; ଯେତେବେଳେ ମୁସଲମାନମାନଙ୍କ କର୍ଣ୍ଣରେ ଏହି ଶବ୍ଦ ପଡ଼ିଲା କି ହଜୁରସ.ଅ ଶହିଦ୍ ହୋଇ ଯାଇଛନ୍ତି । ସେତେବେଳେ ସେମାନେ ଶୀଘ୍ର ଶୀଘ୍ର ପ୍ରତ୍ୟାବର୍ତ୍ତନ କରିବାକୁ ବାହାରିଲେ ଏବଂ ଆପଣ ସ.ଅଙ୍କ ଉପରୁ ମରଶରୀର ଗୁଡ଼ିକୁ ଉଠାଇବାରୁ ଜ୍ଞାତ ହେଲା ଯେ, ହଜୁରସ.ଅ ତ ଜୀବିତ ଅଛନ୍ତି । ସେତେବେଳେ ଜଣେ ସାହାବି ଆପଣ ସ.ଅଙ୍କ କପାଳରେ ପ୍ରବିଷ୍ଟ (ଧସି) ହୋଇ ରହିଥିବା ଏକ କଣ୍ଟାକୁ ନିଜ ଦାନ୍ତରେ ଟାଣି ବାହାର କଲେ । ଯଦ୍ୱାରା ତାଙ୍କର ଦୁଇଟି ଦାନ୍ତ ଭାଙ୍ଗିଗଲା । ସେଥିଅନ୍ତେ ହଜୁରସ.ଅ ବର୍ତ୍ତି ଯାଇଥିବା ସାହାବାଙ୍କୁ ନେଇ ପର୍ବତର ଶିଖରକୁ ଚାଲିଗଲେ ।

ସେହି ଅବସରରେ ଅବୁ ସୁଫୟାନ୍ ଉଚ୍ଚ ସ୍ୱରରେ ହଜୁର ସ.ଅଙ୍କ ନାମ ନେଇ ଡ଼ାକରା ଦେଲା । ତତ୍ ପଶ୍ଚାତ ସେ ହଜରତ ଅବୁବକରର.ଅ ଓ ହଜରତ ଉମରର.ଅ ନାମ ନେଇ କହିଲା, ଆମେ ଏମାନଙ୍କୁ ବିନାଶ କରିଦେଲୁ । ଯେତେବେଳେ ଅବୁ ସୁଫୟାନ୍ ଦେଖିଲା କି ଅପର ପାର୍ଶ୍ୱରୁ କୌଣସି ଉତ୍ତର ମିଳିଲା ନାହିଁ ସେତେବେଳେ ସେ ଏହି ନାରା ଲଗାଇଲା କି ହୁବୁଲ୍ (ପ୍ରତିମା)ର ମର୍ଯ୍ୟାଦା ଉର୍ଦ୍ଧ୍ୱଗାମୀ ହେଉ, ହୁବୁଲ୍‌ର ମର୍ଯ୍ୟାଦା ଉର୍ଦ୍ଧ୍ୱଗାମୀ ହେଉ । ଯେହେତୁ ହଜୁରସ.ଅ ସାହାବାଙ୍କୁ ଉତ୍ତର ଦେବାକୁ ବାରଣ କରିଥିଲେ । ତେଣୁ ଏହା ଶୁଣିବା ସତ୍ତ୍ୱେ ସେମାନେ ଚୁପ୍ ରହିଲେ କିନ୍ତୁ ପ୍ରଭୁଙ୍କ ପ୍ରିୟ ନବୀ ଯେ ନିଜ ମୃତ୍ୟୁ ଖବର ଶୁଣି ନିରବ ରହିବା ପାଇଁ (ସାହାବାଙ୍କୁ) ନିର୍ଦ୍ଦେଶ ଦେଇଥିଲେ । ହଜରତ ଅବୁବକରର.ଅ ଓ ହଜରତ ଉମର ର.ଅଙ୍କ ନିଧନ ହେବା ଶୁଣି ମଧ୍ୟ ନିରବ ରହିବାକୁ ତାଗିଦ୍

କଲେ । ଆଉ ଯେ କହୁଥିଲେ କି ବର୍ତ୍ତମାନ ଆମ ସେନା ଏକତ୍ରିତ ନାହାନ୍ତି, ଆଉ ଶତ୍ରୁ ଆମ ଉପରେ ପୁନଃ ଆକ୍ରମଣ କରିଦେବାର ଭୟ ରହିଛି । ତେଣୁ ନିରବତାର ସହ ସେମାନଙ୍କ କଥା ଶୁଣିଚାଲ, କୌଣସି ଉତ୍ତର ଦିଅ ନାହିଁ । ସେହି ପବିତ୍ର ପୁରୁଷୋତ୍ତମ କର୍ଣ୍ଣରେ ଯେତେବେଳେ "ହୁବୁଲ୍‌ର ମର୍ଯ୍ୟାଦା ଉର୍ଦ୍ଧ୍ୱଗାମୀ ହେବା" ଶ୍ଲୋଗାନ ପଡ଼ିଲା ସେତେବେଳେ ତାଙ୍କ ଏକେଶ୍ୱରବାଦର ଭାବାବେଗ ଉନ୍ମାଦ ମାରିଲା କାରଣ ଏବେ ଆପଣ ସ.ଅଙ୍କ ଅସ୍ତିତ୍ୱର କଥା ନଥିଲା । ନା ଏବେ ହଜରତ ଅବୁବକରର.ଅ ଓ ହଜରତ ଉମର ର.ଅଙ୍କ ଅସ୍ତିତ୍ୱର କଥା ଥିଲା । ଏବେ ପରମାତ୍ମା ଅଲ୍ଲାଃଙ୍କ ମର୍ଯ୍ୟାଦା କ୍ଷୁର୍ଣ୍ଣ ହେବାର ପ୍ରଶ୍ନ ଥିଲା । ଆପଣସ.ଅ ଅତି ଉଦ୍‌ବେଗ ପୂର୍ଣ୍ଣତାର ସହିତ କହିଲେ; ତୁମେମାନେ ଉତ୍ତର କାହିଁ ଦେଉ ନାହଁ? ସାହାବାମାନେ ବିନମ୍ରତା ପୂର୍ବକ ପଚାରିଲେ ହେ ଅଲ୍ଲାଃଙ୍କ ରସୁଲ ଆମେ କି ଉତ୍ତର ଦେବୁ? ହଜୁରସ.ଅ କହିଲେ; ତୁମେ କୁହ କି ଅଲ୍ଲାହୁ ଅଯ୍‌ଯ ଓ ଜଲ୍ଲା ଅର୍ଥାତ ଅଲ୍ଲାଃ ହିଁ ପରାକ୍ରମୀ ଓ ମହାନ । ହୁବୁଲ୍‌ର ବା କ'ଣ ସାମର୍ଥ୍ୟ ଅଛି, ବାସ୍ତବରେ ଅଲ୍ଲାଃଙ୍କ ମର୍ଯ୍ୟାଦା ସର୍ବବ୍ୟାପୀ ଓ ଅବିନାଶୀ । ଏହା ଏକେଶ୍ୱରବାଦର ସାକ୍ଷ୍ୟ ଦେବାର କିପରି ଭବ୍ୟ ପରିପ୍ରକାଶ ଥିଲା । ଆପଣସ.ଅ ସାହାବାଙ୍କୁ ଉତ୍ତର ଦେବାକୁ ତିନି ଥର ଅଟକାଇ ଥିଲେ । ଏଥିରୁ ପ୍ରତୀତ ହେଉଛି ହଜୁରସ.ଅ ଉକ୍ତ ଭୟପ୍ରଦ ପରିସ୍ଥିତିକୁ ପୂର୍ଣ୍ଣ ରୂପେ ହୃଦୟଙ୍ଗମ କରୁଥିଲେ । କାରଣ ଯଦି ଶତ୍ରୁଙ୍କୁ ଉତ୍ତର ଦିଆ ଯାଇଥାନ୍ତା ତେବେ ପରିଣାମ ଅତି ବିପଜ୍ଜନକ ହୋଇଥାନ୍ତା । ସେତେବେଳେ ଇସଲାମୀୟ ସେନା ବିଶୃଙ୍ଖଳିତ ଓ ଦୁର୍ବଳ ହୋଇ ଯାଇଥିଲା । ଆଉ ଯେଉଁ ସ୍ୱଳ୍ପ ସୈନିକମାନେ ଆପଣ ସ.ଅଙ୍କ ସାଥିରେ ରହିଯାଇଥିଲେ, ସେମାନେ କ୍ଷତବିକ୍ଷତ ଓ ଘୋର କ୍ଳାନ୍ତର ଶିକାର ଥିଲେ । ଯଦି ଏହାର ସୁରାକ ଶତ୍ରୁଙ୍କୁ ମିଳି ଯାଇଥାନ୍ତା ତେବେ ସେମାନେ ପୁନର୍ବାର ଆକ୍ରମଣ କରି ଦେଇଥାନ୍ତେ । କିନ୍ତୁ ଏପରି ଉତ୍କଟ ଅବସ୍ଥାରେ ଯେତେବେଳେ ଐଶ୍ୱର୍ଯ୍ୟମୟ ପ୍ରଭୁଙ୍କ ସମ୍ମାନ ହାନୀ ହେବାର ପ୍ରଶ୍ନ ଉଠିଲା । ତାହା ଆପଣସ.ଅ ସହ୍ୟ କରିପାରିଲେ ନାହିଁ । ଅତଏବ ଆପଣସ.ଅ ସାହାବାଙ୍କୁ କହିଲେ; ତୁମେମାନେ ମୌନ କାହିଁ ରହିଛ, ସେମାନଙ୍କୁ ଜବାବ୍ କାହିଁ ଦେଉ ନାହଁ, ଯେ ଅଲ୍ଲାହୁ ଅଯ୍‌ଯ ଓ ଜଲ୍ଲା ଅର୍ଥାତ ଅଲ୍ଲାଃ ହିଁ ପରାକ୍ରମୀ ଓ ମହାନ ।

ଗୋଟିଏ ସ୍ଥାନରେ ହଜରତ ମୁସଲେହ ମଉଦର.ଅ କୁହନ୍ତି; ମକ୍କାର ଯେଉଁ ପ୍ରମୁଖ ବ୍ୟକ୍ତିମାନେ ହଜୁର ସ.ଅଙ୍କର ହତ୍ୟା କରିବାକୁ ଚାହୁଁ ଥିଲେ । ଆଜି ସମଗ୍ର ଭୂ-ପୃଷ୍ଠରେ କ'ଣ କେହି ଜଣେ ହେଲେ ମଧ୍ୟ ସେମାନଙ୍କ ନାମ ନେଉଛନ୍ତି? ଅପରପକ୍ଷେ ତୁମେ ଦେଖିବ ଯେ, ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅଙ୍କର ନାମ ତ କୋଟି କୋଟି ଲୋକ ଉର୍ଦ୍ଧ୍ୱଗାମୀ କରୁଛନ୍ତି । ଆଉ ସମଗ୍ର ବିଶ୍ୱ କହି ଉଠିବ ଯେ, ହଁ! ହଜରତ ମୁହମ୍ମଦସ.ଅ ଆମମାନଙ୍କ ମଧ୍ୟରେ ଜୀବିତ ଅଛନ୍ତି । କାରଣ ଆପଣଙ୍କ ପ୍ରତିନିଧିତ୍ୱର ସୌଭାଗ୍ୟ ଆମକୁ ହାସଲ ଅଛି । **କିନ୍ତୁ ଅବୁଜହଲ୍ ନାମରେ ଡ଼ାକରା ଦେଲେ ତୁମକୁ (ବିଶ୍ୱର) କୌଣସି କୋଣରୁ ମଧ୍ୟ ସ୍ୱର ଶୁଭିବ ନାହିଁ ।**

ପୁନଶ୍ଚ ଏଥି ସଂକ୍ରାନ୍ତରେ ଯୁଗାବତାର ହଜରତ ମସିହ ମଉଦଅ.ସ ବର୍ଣ୍ଣନା କରନ୍ତି; ଅବତାରମାନଙ୍କ ଉପରେ ଯେଉଁ ବିପତ୍ତି ଆସିଥାଏ ସେଥିରେ ମଧ୍ୟ ଅଲ୍ଲାଃତାଲାଙ୍କର ଶତ ସହସ୍ର ଭେଦ ପ୍ରଚ୍ଛନ୍ନ ରହିଥାଏ । ହଜୁର ସ.ଅଙ୍କ ଉପରେ ମଧ୍ୟ ଅନେକ ସମସ୍ୟାର ଘନକଳା ବାଦଲ ମାଡ଼ି ଆସିଥିଲା । ଗୋଟିଏ ବର୍ଣ୍ଣନାରେ ଉଲ୍ଲେଖ ରହିଛି, ଓ୍ୱହଦ୍ ଯୁଦ୍ଧରେ ହଜୁର ସ.ଅଙ୍କୁ ଖଣ୍ଡାର ସତୁରି ଗୋଟି ଆଘାତ ଲାଗିଥିଲା । ମୁସଲମାନମାନଙ୍କର ଏହି (ପ୍ରକାଶ୍ୟ) ଅବସ୍ଥା ଦେଖି ଅମାନ୍ୟକାରୀମାନେ ବେଶ ଆନନ୍ଦ ଉଲ୍ଲାସରେ ମଉଜ କରିଥିଲେ । ବାସ୍ତବରେ ଏପରି ପରିସ୍ଥିତିର ଦେଖିବା ମଧ୍ୟ ଜରୁରୀ, ଦେଖ ନିଜ ଜନ୍ମଭୂମି ମକ୍କା ଛାଡ଼ିବା ସମୟରେ ହଜୁର ସ.ଅଙ୍କୁ କିପରି ଦୁଃଖ ସହ୍ୟ କରିବାକୁ ପଡ଼ିଥିଲା । କିନ୍ତୁ ପରେ ଅଲ୍ଲାଃତାଲା ସେହି ପରିସ୍ଥିତିକୁ ପୂର୍ଣ୍ଣ ରୂପେ ପରିବର୍ତ୍ତନ କରିଦେଲେ ।

ହଜରତ ହନ୍‌ଜଲାଃ ର.ଅଙ୍କର ଶହିଦ୍ ହେବାର ଘଟଣାଚକ୍ର ଏପରି ବର୍ଣ୍ଣିତ ରହିଛି । ତାଙ୍କ ପତ୍ନୀ କୁହନ୍ତି; ମୋ ସ୍ୱାମୀଙ୍କୁ ଯେତେବେଳେ ଖବର ମିଳିଲା କି ହଜୁରସ.ଅ ଓ୍ୱହଦ୍ ଯୁଦ୍ଧ ନିମନ୍ତେ ପ୍ରସ୍ଥାନ କରିଗଲେଣି ସେତେବେଳେ

ସେ ସହବାସ ଯୋଗୁଁ ଅପବିତ୍ର ଥିଲେ ଏବଂ ସ୍ନାନ କରିବା ତାଙ୍କ ପାଇଁ ଅପରିହାର୍ଯ୍ୟ ଥିଲା । କିନ୍ତୁ ରଣକ୍ଷେତ୍ରକୁ ହଜୁର ସ.ଅଙ୍କର ପ୍ରସ୍ଥାନ କରିଯିବା ଖବର ଶୁଣି ସେ ଏତେ ବ୍ୟଗ୍ରତା ଓ ବ୍ୟତିବ୍ୟସ୍ତ ହୋଇ ନିଜ ଖଣ୍ଡା ନେଇ ଘରୁ ବାହାରିଗଲେ ଯେ, ସ୍ନାନ କରିବାକୁ ଜରୁରୀ ମନେକଲେ ନାହିଁ । ତାଙ୍କୁ ଶିଦାଦ୍ ବିନ୍ ଅସଓଦ୍ ଶହିଦ୍ କରିଥିଲା । ତାଙ୍କର ଶହିଦ୍ ହୋଇଯିବାରେ ହଜୁରସ.ଅ କହିଲେ; **ମୁଁ ଦେଖୁଅଛି ଆକାଶରୁ ଦେବଦୂତମାନେ ରୌପ୍ୟ ନିର୍ମିତ ବାସନରେ ନିର୍ମଳ ଜଳ ଘେନି ଆସିଛନ୍ତି ଏବଂ ହନ୍‌ଜଲାଃଙ୍କୁ ସ୍ନାନ କରାଉଛନ୍ତି ।**

ହଜରତ ମିର୍ଜା ବଶିର ଅହେମଦ ସାହେବ ଲେଖିଛନ୍ତି, ଏବେ ତ ହଜୁରସ.ଅ ମଧ୍ୟ ରଣକ୍ଷେତ୍ରରେ ଓହ୍ଲାଇ ଯାଇଥିଲେ । ଆଉ ଶହିଦ୍‌ମାନଙ୍କ ଅନ୍ତିମସଂସ୍କାରର ଆୟୋଜନ କରିବା ଆରମ୍ଭ କଲେ । ସେତେବେଳେ ମୁସଲମାନମାନଙ୍କ ଚିତ୍ରପଟରେ ଯେଉଁ ଦୃଶ୍ୟ ଖେଳି ଯାଉଥିଲା ସେଥିରେ ତାଙ୍କ ଚକ୍ଷୁରୁ ରକ୍ତର ଲୁହ ଅନବରତ ନିର୍ଗତ ହୋଇ ଚାଲିଥିଲା । ସତୁରୀ ଜଣ ସାହାବି ରକ୍ତାକ୍ତ ଅବସ୍ଥାରେ ରଣଭୂମିରେ ପଡ଼ି ରହିଥିଲେ ଏବଂ ଆରବର ବର୍ବର ଓ ଲୋମହର୍ଷକ ପରମ୍ପରା ଅର୍ଥାତ ମରଶରୀରର ଅଙ୍ଗପ୍ରତ୍ୟଙ୍ଗ କାଟିଦେବା, ଚର୍ତୁପାର୍ଶ୍ୱରେ ଦୃଶ୍ୟମାନ ହେଉଥିଲା । ସେହି ଶହିଦ୍ ସାହାବାମାନଙ୍କ ମଧ୍ୟରେ ମାତ୍ର ୬ଜଣ ପ୍ରବାସକାରୀ ସାହାବା ରହିଥିଲେ, ବାକି ସଭିଏଁ ଅନସାରୀ ସାହାବା ଥିଲେ । ଆଉ କୁରୈଶମାନଙ୍କ ପକ୍ଷରୁ ୩୦ ଜଣ ସୈନିକ ନିହତ ହୋଇଥିଲା । ଯେତେବେଳେ ହଜୁରସ.ଅ ନିଜ ଚଚା ଓ ରଜାଇ ଭାଇ (ଗୋଟିଏ ମାତାଙ୍କ ଠାରୁ କ୍ଷୀରପାନ କରିଥିବା) ହଜରତ ହମ୍‌ଜା ର.ଅଙ୍କ ମରଶରୀର ନିକଟରେ ପହଞ୍ଚିଲେ ସେତେବେଳେ ଆପଣ ହତବାକ୍ ହୋଇଗଲେ । କାରଣ ଅତ୍ୟାଚାରୀ ହିନ୍ଦା ଯେ ଅବୁ ସୁଫୟାନ୍‌ର ପତ୍ନୀ ଥିଲା, ତାଙ୍କ ମରଶରୀରକୁ ଅତି ନିର୍ମମ ଭାବରେ ବିକୃତ କରି ଦେଇଥିଲା । କିଛିକ୍ଷଣ ପର୍ଯ୍ୟନ୍ତ ତ ଆପଣସ.ଅ ସେଠାରେ ସ୍ତବ୍ଧ ହୋଇ ରହିଗଲେ ଏବଂ ଆପଣ ସ.ଅଙ୍କର ପବିତ୍ର ମୁଖରୁ ଦାରୁଣ ଦୁଃଖ ଓ ଭୀଷଣ କ୍ରୋଧ ସ୍ୱଷ୍ଟ ପ୍ରତୀୟମାନ ହୋଇଥିଲା । କ୍ଷଣକ ପାଇଁ ଆପଣ ସ.ଅଙ୍କ ସ୍ୱଭାବରେ ମକ୍କାର ସେହି ପାଶବିକ ଅମାନ୍ୟକାରୀଙ୍କ ପ୍ରତି ଭାବ ଉନ୍ମାଦିତ ହୋଇ ଉଠିଲା କି ଯେପର୍ଯ୍ୟନ୍ତ ସେମାନଙ୍କ ଠାରୁ ଏହାର ପ୍ରତିଶୋଧ ନିଆଯାଇ ନାହିଁ, ସେମାନଙ୍କୁ ହେଜ ପସିବ ନାହିଁ । କିନ୍ତୁ ପରମୁହୂର୍ତ୍ତରେ ହଜୁରସ.ଅ ଏହି ଖିଆଲ କରି ସେଥିରୁ ବିରତ ରହିଲେ ଏବଂ ଧୈର୍ଯ୍ୟ ରକ୍ଷା କଲେ । ବରଂ ଏହି ଘଟଣା ପରେ ଆପଣସ.ଅ ସେହି କଳଙ୍କିତ ପ୍ରଥା ଅର୍ଥାତ ମରଶରୀରର ଅଙ୍ଗପ୍ରତ୍ୟଙ୍ଗ ଛେଦ କରିବାକୁ ଚିରକାଳ ପାଇଁ ଉଚ୍ଛେଦ କରିଦେଲେ । ଅତଏବ ହଜୁରସ.ଅ କହିଲେ; ଶତ୍ରୁ ତୁମ ସହ ଯେଭଳି ଆଚରଣ କାହିଁକି ବା ନକରୁ କିନ୍ତୁ ତୁମେ ସେମାନଙ୍କ ସହ କଦାପି ହିଂସ୍ର ଆଚରଣ କରିବ ନାହିଁ । **ବରଂ ସେମାନଙ୍କ ସହ ଦୟା ଓ ନମ୍ର ଆଚରଣ କରିବ ।**

ହଜରତ ମୁହମ୍ମଦ ମୁସ୍ତଫା ସ.ଅଙ୍କ ଫୁଫୁଙ୍କର ପୁତ୍ର ଅବଦୁଲ୍ଲାଃ ବିନ୍ ଜହଶ୍ ର.ଅଙ୍କର ମରଶରୀରକୁ ମଧ୍ୟ ଭୀଷଣ ରୂପେ ବିକୃତ କରି ଦେଇଥିଲେ । ଯେପରି ଯେପରି ହଜୁରସ.ଅ ଗୋଟିଏ ପରେ ଆଉ ଗୋଟିଏ ମରଶରୀର ଆଡ଼କୁ ଅଗ୍ରସର ହେଉଥିଲେ ଆପଣସ.ଅ ପବିତ୍ର ମୁଖ କ୍ଲେଶ ଓ ଦୁଃଖରେ ଭାରାକ୍ରାନ୍ତ (ମର୍ମାହତ) ହେବା ବଢ଼ି ଚାଲିଥିଲା ।

ହଜରତ ମୁସଲେହ ମଉଦର.ଅ ସେହି ଶହିଦ୍ ଓ ସେମାନଙ୍କ ପ୍ରାଣବଳୀ ଦେବା ପରିପ୍ରେକ୍ଷୀରେ ହଜରତ ସାଦ୍ ବିନ୍ ରବିଆ ର.ଅଙ୍କର ହଜୁର ସ.ଅଙ୍କ ପ୍ରତି ଅପାର ପ୍ରେମାନୁରାଗ ଓ ଭକ୍ତବତ୍ସଳର ଚର୍ଚ୍ଚା କରି କୁହନ୍ତି; ଦେଖ ଏପରି ଅତି ସଙ୍କଟାପର୍ଣ୍ଣ ପରିସ୍ଥିତିରେ ଯେତେବେଳେ ମନୁଷ୍ୟ ଦେଖି ନେଇଥାଏ କି ମୋର ଅନ୍ତିମ ସମୟ ଖୁବ୍ ନିକଟତର ସେତେବେଳେ ସେ ଚିନ୍ତା କରିଥାଏ କି ମୋ ଅନ୍ତେ ମୋ ପତ୍ନୀର କ'ଣ ହେବ । ମୋ ପିଲାମାନଙ୍କର କିଏ ଯତ୍ନ ନେବ । କିନ୍ତୁ ସେହି ସାହାବି ଜଣକ ନିଜର ସେପରି କୌଣସି ଶେଷ ସନ୍ଦେଶ ଦେଇ ନଥିଲେ । କେବଳ ଏତିକି କହିଲେ; ଆମେ ନବୀ ଶିରୋମଣୀ ହଜରତ ମୁହମ୍ମଦ ସ.ଅଙ୍କୁ ସୁରକ୍ଷା ପ୍ରଦାନ କରିବା ଅବସ୍ଥାରେ ଏହି ସଂସାରରୁ ବିଦାୟ ନେଉଅଛୁ । **ଏବେ ତୁମେ ମଧ୍ୟ ଏହି ମାର୍ଗରେ ଆମ ପଛରେ ଚାଲିଆସ ।** ସେମାନଙ୍କ ଅନ୍ତରର ଗହ୍ୱରରେ ଏହି ବିଶ୍ୱାସ ଦୃଢ଼ତାର ସହ ବିଦ୍ୟମାନ ଥିଲା, ଯଦ୍ୱାରା ସେମାନେ ସମଗ୍ର ସଂସାରକୁ ଓଲଟପାଲଟ

କରିଦେଲେ ଏବଂ ସେତେବେଳର ଇରାନ ଓ ରୋମ ପରି ବିଶାଳ ତଥା ମହାଶକ୍ତିଶାଳୀ ସମ୍ରାଟମାନଙ୍କୁ ଧୂଳି ଚଟାଇ ଦେଲେ । ଆପଣ[ର.ଅ] କୁହନ୍ତି; ମୃତ୍ୟୁଶଯ୍ୟାରେ ପଡ଼ି ଥିବା ବ୍ୟକ୍ତି ଏହି ଅଭିଳାଷ କରିଥାଏ କି ଯଦି ମୋତେ ଆଉ କିଛି ମୁହୂର୍ତ୍ତ ମିଳିଯାଏ ତେବେ ନିଜ ପତ୍ନୀ, ପିଲାଛୁଆ ଓ ଭାଇଭଉଣୀଙ୍କ ସହ କିଛି ଭାବ ବିନିମୟ କରି ନିଅନ୍ତି । ତାଙ୍କ ପାଇଁ କିଛି ଓ୍ୱସିୟତ୍ କରିଯିବ କିନ୍ତୁ ସେ ସାହାବି ଭୂମିରେ ପଡ଼ି ରହିଥିବା ଅବସ୍ଥାରେ ମଧ୍ୟ ଏହି ବାର୍ତ୍ତା ଦେଇଥିଲେ କି ହଜରତ ମୁହମ୍ମଦ ମୁସ୍ତଫା[ସ.ଅ] ତୁମ ନିକଟରେ ପରମେଶ୍ୱରଙ୍କର ଏକ ଅମୂଲ୍ୟ ସନ୍ତକ (ଅମାନତ୍) । ଆଉ ମୁଁ ନିଜ ପ୍ରାଣର ଆହୁତି ଦେଇ ଏହି ଅମୂଲ୍ୟ ସମ୍ପଦର ହିଫାଜତ୍ କଲି । **ଏବେ ହେ ମୋର ପ୍ରିୟ ଭାଇ ଓ ପିଲାମାନେ ! ମୋର ଶେଷ ଇଚ୍ଛା ଏହିକି ଯେ ନିଜ ଗଭୀର ଅନ୍ତର ଆତ୍ମାରୁ ଏହି ଅମାନତ୍‌ର ସୁରକ୍ଷା କରିବ ।** ଏହା କହି ନିଜ ଶେଷ ନିଶ୍ୱାସ ତ୍ୟାଗ କରିଦେଲେ ।

ମହାମହିମ ହଜୁର ଅନଓ୍ୱର[ଅ.ବ] କହିଲେ; ଏପରି ଏପରି ପ୍ରେମ ଓ ଅନୁରାଗ ପୂର୍ଣ୍ଣ ଘଟଣାବଳୀ ରହିଛି ଯେ, ମନୁଷ୍ୟ ଆଚମ୍ୱିତ ହୋଇଯାଇଥାଏ । ଅଲ୍ଲାଃତାଲା ଆମମାନଙ୍କ ମଧ୍ୟରେ ନିଜ ପ୍ରିୟ ନବୀ ହଜରତ ମୁହମ୍ମଦ ମୁସ୍ତଫା [ସ.ଅ]ଙ୍କ ପ୍ରତି ସେହିପରି ପ୍ରେମ, ତ୍ୟାଗ ଓ ଉତ୍ସର୍ଗ ମୂଳକ ଭାବନା ଜାଗ୍ରତ କରନ୍ତୁ । ଯେତେବେଳେ ଏହି ଭାବନା ଉତ୍ପନ୍ନ ହୋଇଯିବ ସେତେବେଳେ ଆମର ପ୍ରଭୁଙ୍କ ସହିତ ସମ୍ପର୍କ ସୁଦୃଢ଼ ହେବ ଏବଂ ଆମେମାନେ ନିଜ ଦୋଷତ୍ରୁଟିକୁ ଦୂର କରିବା ପ୍ରତି ଆଗଭର (ପ୍ରୟାସ) କରିବା । ଯଦ୍ୱାରା ଆମେମାନେ ନିଜ ଭିତରେ ଅର୍ଥାତ ନିଜ ଉପାସନା, ଚରିତ୍ର ଓ ଆଚରଣ (ଅଭ୍ୟାସ)ରେ  ବାସ୍ତବିକ ଇସଲାମ ଉତ୍ପନ୍ନ କରିନେବା । ଅଲ୍ଲାଃତାଲା ଆମମାନଙ୍କୁ ଏଥିନିମନ୍ତେ ଶକ୍ତି ପ୍ରଦାନ କରନ୍ତୁ ।

ପରିଶେଷରେ ପ୍ରିୟ ହଜୁର ଅନଓ୍ୱର[ଅ.ବ] କିଛି ମୃତକମାନଙ୍କ ଉତ୍ତମ ଚରିତ୍ର ଚର୍ଚ୍ଚା କଲେ । ସର୍ବପ୍ରଥମ ଜନାଯାଃ ଶହିଦ୍ ଡ଼ାଃ ମନସୁର୍ ଶବୁତି ସାହେବ ୟମନ୍ ନିବାସୀଙ୍କର ରହିଛି । ଅହେମଦି ହେବା ଯୋଗୁଁ ତାଙ୍କୁ ବନ୍ଦି କରାଯାଇଥିଲା ଏବଂ କାରାବରଣ ଭୋଗ କରିବା ଅବସ୍ଥାରେ ହିଁ ସେ ଦେହତ୍ୟାଗ କରିଥିଲେ । ତେଣୁ ସେ ଶହିଦ୍‌ମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହେବେ । ସେ ୟମନ୍ ଦେଶର ଜଣେ ସୁପ୍ରସିଦ୍ଧ ଡ଼ାକ୍ତର ଥିଲେ । ସେଥିଅନ୍ତେ ଶ୍ରୀମାନ ସଲାହୁଦ୍ଦିନ୍ ମୁହମ୍ମଦ ସାଲେହ୍ ଅବଦ୍ଦୁଲ୍ କାଦିର୍ ଓଦେ ସାହେବ ପିତା ମୁହମ୍ମଦ ଶରିଫ୍ ଓଦେ ସାହେବ ଅମିର ଜମାଅତ କବାବିର୍‌ଙ୍କର ଉତ୍ତମ ଚରିତ୍ର ଚର୍ଚ୍ଚା କଲେ । ସେ ଖିଲାଫତ୍ ସହିତ ଅଶେଷ ପ୍ରେମ ଓ ଜମାଅତର ବ୍ୟବସ୍ଥାକୁ ଢ଼େର ସମ୍ମାନ ପ୍ରଦାନକାରୀ ବ୍ୟକ୍ତି ଥିଲେ । ତୃତୀୟ ଜନାଯାଃ ଶ୍ରୀମତୀ ରିହାନ୍ ଫରହତ୍ ସାହେବା ପତ୍ନୀ ଶ୍ରୀମାନ କରାମତୁଲ୍ଲାଃ ଖାଦିମ୍ ସାହେବ ରବଓ୍ୱା ନିବାସୀଙ୍କର ରହିଛି । ମହାମାନ୍ୟ ହଜୁର ଅନଓ୍ୱର[ଅ.ବ] ନମାଜ ଜୁମା ପରେ ସମସ୍ତ ମୃତକମାନଙ୍କର ନମାଜ ଜାନାଯାଃ ଗାଏବ ପାଠ କରିବାର ଘୋଷଣା କଲେ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଈଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଈଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।